ପଞ୍ଜାବ ରାଜ୍ୟ

ବନାମ

ସରୱନ ସିଂହ

ନଭେମ୍ବର 19,1996

[କେ.ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ଦଣ୍ଡ ସଂହିତା, 1860 :*

*ଧାରାଗୁଡ଼ିକ 300, 302 ଏବଂ 304–ଗୋଷ୍ଠୀ ଲଢ଼େଇ-ଉଭୟ ଗୋଷ୍ଠୀର ସଦସ୍ୟମାନେ ଆହତ ହୋଇଥିଲେ– ଗଣ୍ଡାସା ସାହାଯ୍ୟରେ ଉତ୍ତରଦାତାଙ୍କ ଦ୍ୱାରା ହୋଇଥିବା ଏକାଧିକ ଆଘାତ କାରଣରୁ ଜଣେ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା–ବିଚାର କରୁଥିବା ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ, ଉତ୍ତରଦାତାଙ୍କ ଦ୍ୱାରା ଦିଆଯାଇଥିବା ଚାରୋଟି ଆଘାତ, ପୀଡ଼ିତାଙ୍କ ମୃତ୍ୟୁ ପାଇଁ ଦାୟୀ ଅଟେ, କିନ୍ତୁ, ଧାରା 300 ରେ ଥିବା ବ୍ୟତିକ୍ରମ (4) କୁ ପ୍ରୟୋଗ କରି, ଉତ୍ତରଦାତାଙ୍କୁ ଧାରା 304 ଅଧୀନରେ ଦୋଷସିଦ୍ଧି କରିଥିଲେ– ଦର୍ଶାଯାଇଛି, ଗଣ୍ଡାସା ସାହାଯ୍ୟରେ ଉତ୍ତରଦାତାଙ୍କ ଦ୍ୱାରା ମୃତକଙ୍କ ମୁଣ୍ଡରେ ଦିଆଯାଇଥିବା ଚାରୋଟି ଆଘାତକୁ ଦୃଷ୍ଟିରେ ରଖି, ଏହା ସ୍ପଷ୍ଟ ଯେ, ଉତ୍ତରଦାତା ଜାଣିଥିଲେ ଯେ, ଆଘାତର ଫଳସ୍ୱରୂପ ପୀଡ଼ିତାଙ୍କ ମୃତ୍ୟୁ ହୋଇଥିବ – ଉତ୍ତରଦାତା ଅନୁଚିତ ସୁବିଧା ଉଠାଇଥିଲେ ଏବଂ ନିଷ୍ଠୁର ଢଙ୍ଗରେ କାର୍ଯ୍ୟ କରିଥିଲେ–ଧାରା 304 ଅଧୀନରେ ନିମ୍ନ ନ୍ୟାୟାଳୟଙ୍କ ଦ୍ୱାରା ଦୋଷସିଦ୍ଧିକୁ ରଦ୍ଦ କରାଯାଇଛି–ଉତ୍ତରଦାତା ଧାରା 302 ଅଧୀନରେ ଦୋଷସିଦ୍ଧି ହେଲେ ଏବଂ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ ।*

ଫୌଜଦାରୀ ଅପିଲ ଅଧିକାରିତା : ଫୌଜଦାରୀ ଅପିଲ ସଂଖ୍ୟା 1977/1996 ।

ସିଆରଏଲ୍.ଏ.ସଂଖ୍ୟା 253/1992 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର 2.4.92 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଆର୍.ଏସ୍.ସୁରୀ ଙ୍କ ପାଇଁ ରଣବୀର ଯାଦବ ।

ଉତ୍ତରଦାତାଙ୍କ ପାଇଁ ବି.ବି. ବଶିଷ୍ଠ ଏବଂ ପି. ନରସିମ୍ହା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଟି, ତାଙ୍କ ଦ୍ୱାରା କରାଯାଇଥିବା ଅପରାଧର ପ୍ରକୃତି ସହିତ ସଂପୃକ୍ତ ଅଟେ ।

ସ୍ୱୀକାରଯୋଗ୍ୟ ସ୍ଥିତି ହେଉଛି ଯେ, ଅକ୍ଟୋବର 25,1985 ରେ ସକାଳ ପ୍ରାୟ 6 ଟା ସମୟରେ ନଭାସହର ପୋଲିସ ଥାନା କ୍ଷେତ୍ରାଧିକାରରେ ଥିବା କାନଲୋନ ଗ୍ରାମରେ ଜଣେ ସନ୍ତୋଖ ସିଂହ ଏବଂ ତାଙ୍କ ପକ୍ଷ ଏବଂ ଉତ୍ତରଦାତାମାନେ ଏବଂ ସେମାନଙ୍କ ପକ୍ଷ ମଧ୍ୟରେ ଜମି ଉପରେ ବିବାଦ ହୋଇଥିଲା । ସେମାନେ ଝଗଡ଼ା କରିଥିଲେ, ଯାହାର ଫଳସ୍ୱରୂପ ସନ୍ତୋଖ ସିଂହଙ୍କ ମୃତ୍ୟୁ ଘଟିଥିଲା । ନିମ୍ନ ନ୍ୟାୟାଳୟଗୁଡ଼ିକ ଏକ ସିଦ୍ଧାନ୍ତ ନଥିଭୁକ୍ତ କରିଥିଲେ ଯେ, ଏହି ଘଟଣା ସନ୍ଧ୍ୟା 6 ଟାରେ ଘଟିଥିଲା, ଯେଉଁଥିରେ ଉଭୟ ପକ୍ଷ ଆହତ ହୋଇଥିଲେ । ମୃତକ ସନ୍ତୋଖ ସିଂହଙ୍କର ମୃତ୍ୟୁ ହୋଇଥିଲା । ମୃତକ ସନ୍ତୋଖ ସିଂହଙ୍କୁ ପ୍ରାୟ 8ଟି ଆଘାତ ଲାଗିଥିଲା, ଯେଉଁଥିରୁ ପାଞ୍ଚଟି ତାଙ୍କ ମୁଣ୍ଡରେ ଥିଲା । ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର ପି.ଡବ୍ଲ୍ୟୁ.-2ଙ୍କ ସାକ୍ଷ୍ୟ ଅନୁସାରେ, ମୁଣ୍ଡରେ ଏକାଧିକ ଆଘାତ କାରଣରୁ ତାଙ୍କର ମୃତ୍ୟୁ ହୋଇଥିଲା । ଆଘାତଗୁଡ଼ିକ ଗଣ୍ଡାସା ସାହାଯ୍ୟରେ କରାଯାଇଥିଲା । ପି.ଡବ୍ଲ୍ୟୁ.-2ଙ୍କ ଅନୁଯାୟୀ, ସେହି ଆଘାତଗୁଡ଼ିକର ସାଧାରଣ ପ୍ରକୃତି ପ୍ରକ୍ରିୟାରେ ମୃତ୍ୟୁ ଘଟାଇବା ପାଇଁ ଯଥେଷ୍ଟ ଥିଲା । ତେଣୁ, ଏହା ସ୍ପଷ୍ଟ ଭାବରେ ଆଇପିସିର ଧାରା 300 ର ଖଣ୍ଡ ତୃତୀୟ ଅଧୀନରେ ଏବଂ ଆଇପିସି ର ଧାରା 302 ଅଧୀନରେ ଦଣ୍ଡନୀୟ ହତ୍ୟାର ଏକ ମାମଲା ଅଟେ, ଯେପର୍ଯ୍ୟନ୍ତ ଏହି ମାମଲାଟି ଆଇପିସିର ଧାରା 300ରେ ଥିବା କୌଣସି ବ୍ୟତିକ୍ରମ ଅଧୀନରେ ଅଣା ଯାଏ ନାହିଁ । ବିଚାର କରୁଥିବା ନ୍ୟାୟାଳୟ ଏବଂ ଅପିଲ ନ୍ୟାୟାଳୟ ଧାରା 300 ରେ ବ୍ୟତିକ୍ରମ (4) ପ୍ରୟୋଗ କରିଛନ୍ତି ଯାହା ନିମ୍ନଲିଖିତ ଭାବରେ ଉଲ୍ଲେଖ କରାଯାଇଛି :

> "ବିଚାରଯୋଗ୍ୟ ନରହତ୍ୟା ହତ୍ୟା ନୁହେଁ ଯଦି ଏହା ହଠାତ୍ ଝଗଡ଼ା ଉପରେ ଆବେଗର ପ୍ରଭାବରେ ହଠାତ୍ ଲଢ଼େଇରେ ପୂର୍ବ ଚିନ୍ତନ ବିନା ଏବଂ ଅପରାଧୀଙ୍କ ଅନୁଚିତ ସୁଯୋଗ ନନେଇ କିମ୍ବା ନିଷ୍ଠୁର କିମ୍ବା ଅସ୍ୱାଭାବିକ ଢଙ୍ଗରେ କାର୍ଯ୍ୟ ନକରି କରାଯାଏ ।"

ଏହି ମାମଲାରେ, ନିମ୍ନ ନ୍ୟାୟାଳୟଗୁଡ଼ିକ ଜାଣିବାକୁ ପାଇଲେ ଯେ, ପ୍ରତିପକ୍ଷ ସରୱନ ସିଂହଙ୍କ ଦ୍ୱାରା ଦିଆଯାଇଥିବା ଚାରୋଟି ଆଘାତ ମୃତକଙ୍କ ମୃତ୍ୟୁ ପାଇଁ ଦାୟୀ । ଏହା ଦେଖାଯାଉଛି ଯେ, ଯେତେବେଳେ ସରୱନ ସିଂହ, ଏକ ଭାରୀ ଅସ୍ତ୍ର ଗଣ୍ଡାସା ଦ୍ୱାରା ମୁଣ୍ଡରେ ଚାରିଟି ଆଘାତ କରିଥିଲେ, ଏହା ସ୍ପଷ୍ଟ ଯେ, ସେ ଜାଣିଥିଲେ ଯେ, ଏହି ଆଘାତ ମୃତକଙ୍କ ମୃତ୍ୟୁର କାରଣ ହେବ । ଏହା ସତ୍ୟ ଯେ, ଏକ ଖୋଲା ଲଢ଼େଇ

ହୋଇଥିଲା ଯେଉଁଥିରେ ଅଭିଯୁକ୍ତଙ୍କ ସମେତ ଉଭୟ ପକ୍ଷ ଆହତ ହୋଇଥିଲେ । ସ୍ୱଷ୍ଟ ଭାବରେ, ତେଣୁ, ଆଇପିସିର ଧାରା 149 ସଠିକ ଭାବେ ଲାଗୁ ହୋଇନଥିଲା ଏବଂ ଏହି ନ୍ୟାୟାଳୟ ଅନ୍ୟମାନଙ୍କ ଦୋଷ ମୁକ୍ତି କରିବା ବିରୋଧରେ ଅନୁମତି ଦେବାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ତଥାପି, ଉତ୍ତରଦାତା ଏହି ଅପରାଧରୁ ବର୍ତ୍ତି ପାରିବେ ନାହିଁ । ଜମି ବିବାଦକୁ ନେଇ ପକ୍ଷମାନଙ୍କୁ ଲଢ଼େଇ କରିବାକୁ ପଡ଼ିଥିଲା । ଏହା ଅଭିଯୁକ୍ତଙ୍କ ମାମଲା ନୁହେଁ ଯେ, ସେ ତାଙ୍କୁ କିମ୍ବା ଅନ୍ୟମାନଙ୍କର ଆତ୍ମରକ୍ଷା ପାଇଁ କାର୍ଯ୍ୟ କରିଥିଲେ ଏବଂ ଏହାକୁ ବ୍ୟବହାର କରି ସେ ଆଘାତ କରିଥିଲେ । ତେଣୁ, ବ୍ୟକ୍ତିଗତ ଆତ୍ମରକ୍ଷାର ଅଧିକାର ସଠିକ ଭାବରେ ପ୍ରୟୋଗ କରାଯାଇ ନାହିଁ ଏବଂ ଅଭିଯୁକ୍ତଙ୍କ ପାଇଁ ସମ୍ପ୍ରସାରିତ କରାଗଲା ନାହିଁ । ଏହି ପରିସ୍ଥିତିରେ, କେବଳ ଏକମାତ୍ର ପ୍ରଶ୍ନ ଉତ୍ପନ୍ନ ହୁଏ, ତାହା ହେଉଛି : କ'ଣ ଉତ୍ତରଦାତା ଅନୁଚିତ ସୁବିଧା ବିନା ଆଘାତ ଦେଇଥିଲେ ଏବଂ ନିଷ୍ଠୁର କିମ୍ବା ଅସ୍ୱାଭାବିକ ଭାବରେ କାର୍ଯ୍ୟ କରିଥିଲେ ? ଯେତେବେଳେ ଉତ୍ତରଦାତା, ଗଣ୍ଡାସା ସାହାଯ୍ୟରେ ମୁଣ୍ଡରେ ଚାରିଟି ପ୍ରହାର ଦେଇ ଆଘାତ କରିଥିଲେ, ଏହା ସ୍ୱଷ୍ଟ ଯେ, ସେ ଅନୁଚିତ ସୁବିଧା ଉଠାଇଥିଲେ ଏବଂ ମୁଣ୍ଡରେ ଚାରିଟି ଭାରୀ ପ୍ରହାର କରି ନିଷ୍ଠୁର କିମ୍ବା ଅସ୍ୱାଭାବିକ ଢଙ୍ଗରେ କାର୍ଯ୍ୟ କରିଥିଲେ, ଯାହାର ଫଳସ୍ୱରୂପ ସନ୍ତୋଖ ସିଂହଙ୍କ ମୃତ୍ୟୁ ଘଟିଥିଲା । ଏଭଳି ପରିସ୍ଥିତିରେ, ବିଜ୍ଞ ଦୌରା ବିଚାରପତିଙ୍କ ସହିତ ଉଚ୍ଚ ନ୍ୟାୟାଳୟ ମଧ୍ୟ ଆଇ ପି ସିର ଧାରା 300 ରେ ବ୍ୟତିକ୍ରମ 4 ପ୍ରୟୋଗ କରି ଏବଂ ଉତ୍ତରଦାତାଙ୍କୁ ଏହାକୁ ସଦୋଷ ନରହତ୍ୟା ଅପରାଧ ବୋଲି ଦର୍ଶାଇ ସୁବିଧା ପ୍ରଦାନ କରି ଆଇନଗତ ଭାବେ ଗୁରୁତର ତ୍ରୁଟି କରିଛନ୍ତି । ତେଣୁ, ଆଇପିସିର, ଧାରା 304, ଭାଗ-1 ଅଧୀନରେ ନିମ୍ନ ନ୍ୟାୟାଳୟମାନଙ୍କ ଦ୍ୱାରା ଦୋଷସିଦ୍ଧିକୁ ରଦ୍ଦ କରାଯାଉଛି । ଏହି ଅପରାଧ ଆଇପିସିର ଧାରା 302 ଅଧୀନରେ ଦଣ୍ଡନୀୟ ହତ୍ୟା କେବଳ ଅଟେ ଏବଂ ତଦନୁସାରେ, ଉତ୍ତରଦାତାଙ୍କୁ ଏହି ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ଆଇପିସିର ଧାରା 302 ଅଧୀନରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି ।

ତଦନୁସାରେ, ଅପିଲକୁ ଅନୁମତି ଦିଆଗଲା ।

ଆର୍.ପି. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

<u>ଅନୁବାଦିକା :</u>

ସସ୍ମିତା ନାଏକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ